# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୪୦/୨୫

ଜିଲ୍ଲା-ବାଲେଶ୍ୱର ତା.୨୦.୦୫.୨୦୨୫

**ପାଣିପାଗ ପୂର୍ବାନୁମାନ (ତା .୨୫.୦୫.୨୦୨୫ ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,ଜିଲ୍ଲାରେ,ଆସନ୍ତା ୫ ଦିନ ଅତି ହାଲୁକା ବର୍ଷା ହେବା ସମ୍ଭାବନା ରହିଛି । ଆସନ୍ତା ୫ ଦିନ ପବନର ବେଗ ୧୦-୧୩ କିମି/ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇ ୩୫-୩୬°C ଏବଂ ୨୬-୨୭°C ମଧ୍ୟରେ ରହିବାର ସମ୍ଭାବନା ରହିଛି|

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 21-05-2025 | 2 | 36 | 27 | 3 | 79 | 44 | 12 | 214 |
| | 22-05-2025 | 1 | 36 | 27 | 3 | 78 | 41 | 12 | 216 |
| | 23-05-2025 | 2 | 35 | 26 | 3 | 77 | 41 | 12 | 214 |
| | 24-05-2025 | 1 | 35 | 26 | 3 | 76 | 41 | 13 | 213 |
| | 25-05-2025 | 1 | 36 | 26 | 3 | 80 | 44 | 10 | 212 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| ସାଧାରଣ ଉପଦେଶ | ➢ ଚାଷୀମାନେ ପାଗକୁ ଦେଖି କେବଳ ସନ୍ଧ୍ୟା କିମ୍ବା ସକାଳ ସମୟରେ ଆବଶ୍ୟକୀୟ ଜଳସେଚନ କରନ୍ତୁ ।<br>➢ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପାଇଁ ଏବଂ ବାଷ୍ପୀକରଣ କ୍ଷତିରୁ ଦୂରେଇ ରହିବା ପାଇଁ ମଲଚିଂ ଅଭ୍ୟାସ ଅନୁସରଣ କରାଯିବା ଉଚିତ |<br>➢ ବର୍ତ୍ତମାନ ପୋକ ଏବଂ ରୋଗ ଲାଗିବାର ସମ୍ଭାବନା ଅଛି, ତେଣୁ କୃଷକମାନେ ନିୟମିତ ଭାବେ କ୍ଷେତର ତଦାରଖ କରନ୍ତୁ । | |
| ଫସଲର ନାମ | ଫସଲର ଅବସ୍ଥା | ପାଣିପାଗ ଭିତ୍ତିକ ପରାମର୍ଶ |
| ଖରିଫ ଧାନ | ଜମି ପ୍ରସ୍ତୁତି | ➢ ବିଗତ ଦିନରେ ପ୍ରାପ୍ତ ହୋଇଥିବା ହାଲୁକା ବର୍ଷାକୁ ବ୍ୟବହାର କରି କୃଷକମାନେ ଖରାଟିଆ ହଳ କରନ୍ତୁ \|<br>➢ ସବୁଜ ଖତ ହିସାବରେ ଧଣିଚା ବିହନ ୧୨kg/ଏକର ବୁଣନ୍ତୁ। |
| ଖରାଟିଆ ଧାନ | ପରିପକ୍ୱ ଅବସ୍ତା | ➢ ଧାନ ଫସଲ ଶତକଡା ୮୦ ଭାଗ ପାଚିଗଲା ପରେ କାଟି ଶୀଘ୍ର ଅମଳ କରି ଦିନ ସମୟରେ ସୂର୍ଯ୍ୟକିରଣରେ ରଖି ଏହାର ଆର୍ଦ୍ରତା କମ୍ କରନ୍ତୁ।<br>➢ ଆଗାମୀ ଦିନରେ ହାଲୁକା ବର୍ଷା ସହ ପବନର ହେବାର ସମ୍ଭାବନା ଥିବାରୁ ଅମଳ ପରେ ଧାନକୁ ପଲିଥିନ ଘଡେଇ କିମ୍ବା ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ ।<br>➢ ଖଳା ଏବଂ ସଂରକ୍ଷଣ ସ୍ଥାନକୁ ସ୍ୱଚ୍ଛ ଏବଂ ଜୀବାଣୁନାଶକ ରଖନ୍ତୁ ।<br>➢ ବିହନ ପାଇଁ ୧୨% ଆଦ୍ରତା ଓ ଖାଇବା ଉପଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ । |
| ବିରି ଏବଂ ମୁଗ | ପରିପକ୍ୱ ଅବସ୍ତା | ➢ ଖରାଟିଆ ମୁଗ ଫସଲ ଅମଳ କରି ଶୁଖାଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ତା | ➢ ଆଖୁରେ ଦହିଆ ପୋକ ଏବଂ ଶୋଷକ ପୋକ ନିୟନ୍ତ୍ରଣ କରିବା ପାଇଁ Thiamethoxam@୮୦ ଗ୍ରା /ଏକର ସିଂଚନ କରନ୍ତୁ।<br>➢ କୃଷକ ଉପଯୁକ୍ତ ସମୟ ବ୍ୟବଧାନରେ ଜଳସେଚନ ଯୋଗାଇବା ଉଚିତ୍। ବିକଳ୍ପ ଧାଡ଼ିରେ ଜଳସେଚନ କରନ୍ତୁ ଏବଂ ଆଖୁ ଆବର୍ଜନାକୁ ମଲ୍ଚିଂ ଭାବେ ପ୍ରୟୋଗ କରନ୍ତୁ। ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| ପନିପରିବା | ଫଳ ଅବସ୍ତା | ➢ ବର୍ଷା ଯୋଗୁଁ ଲତାଜାତୀୟ ପନିପନିରିବା ଉପରେ ପ୍ରଭାବ ପଡିବା ର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପନିରିବା କୁ ତୋଳି ଆଣନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।<br>➢ ଚଳିତ ଶୁଷ୍କ ଓ ଉଷ୍ଣ ଜଳବାୟୁରେ ପନିପରିବା ଫସଲରେ ଅଷ୍ଟପଦୀ ସମସ୍ୟା ଦେଖାଗଲେ ଏକର ପ୍ରତି |

| | | |
|---|---|---|
| | | ୪୦୦ମିଲି proparigite @୨୫୦ମିଲି କୁ ୨୦୦ ଲି ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଫଳ | | ➢ ଫଳ ମାଛି ଆକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଜାଲର ବ୍ୟବହାରକୁ ପରାମର୍ଶ \| |
| ମାଛ ଚାଷ | | ➢ ମେ' ମାସରେ ପୋଖରୀ କୁ ଭଲ ଭାବରେ ପ୍ରସ୍ତୁତ କରିବା ରି ପାଇଁ ଚୂନ ୮୦-୧୦୦କେଜି ପ୍ରତି ଏକର ଏକ ସପ୍ତାହ ରୁ ଦୁଇ ସପ୍ତାହ ପରେ ଗୋବର ୨୦୦୦କେଜି ( ପୁରୁଣା ପୋଖରୀ ପାଇଁ) ଓ ୩୦୦୦କେଜି (ନୂଆ ପୋଖରୀ ପାଇଁ ), ଦୁଇ ସପ୍ତାହ ପରେ ୫କେଜି ହିସାବରେ ପ୍ରୟୋଗ କରନ୍ତୁ । |
| ପଶୁପାଳନ | | ➢ ପଶୁଙ୍କୁ ଦିନରେ ଓ ରାତିରେ ଭଲ ଭାବେ ପବନ ବୋହୁଥିବା ସେଡ୍ରେ ରଖିବାକୁ ପରାମର୍ଶ ଦିଆଯାଇଛି। ଗ୍ରୀଷ୍ମ ଚାପରୁ ରକ୍ଷା ପାଇବା ପାଇଁ ପଶୁମାନଙ୍କୁ ବିଶୁଦ୍ଧ ପାନୀୟ ଜଳର ନିରନ୍ତର ଏବଂ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି।<br>➢ ଗରମ ଏବଂ ଆର୍ଦ୍ର ପାଣିପାଗ ଅବସ୍ଥାରେ ଗୋରୁ ଓ ଛେଳିଙ୍କୁ ଛାଇ ସ୍ଥାନରେ ରଖନ୍ତୁ ଏବଂ ସେମାନଙ୍କୁ ଥଣ୍ଡା , ନିର୍ମଳ ଏବଂ ଶୁଦ୍ଧ ଜଳ ଯୋଗାନ୍ତୁ \| |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital